# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 19 MAY– 2026

## କୃଷି ସମ୍ମିଳନୀ

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ ହେଉଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବେ । କୃଷି କ୍ଷେତ୍ରର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ସହ କୃଷି କ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯିବ ।

## ନୀତିନ ନବୀନ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଥିଲା । ଗସ୍ତକାଳରେ ଶ୍ରୀ

ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏ ସମ୍ପର୍କରେ ରାଜ୍ୟ ବିଜେପି ଅଧ୍ୟକ୍ଷ ମନମୋହନ ସାମଲ କହିଛନ୍ତି...

**V/O**

## ଆମ ଗାଁରେ ଆମ ତହସିଲ

ରାଜ୍ୟରେ 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥିରେ ଗ୍ରାମ ତଥା ପଞ୍ଚାୟତ ସ୍ତରରେ ତହସିଲ କ୍ୟାମ୍ପକୋର୍ଟ କରାଯିବ ବୋଲି ଲୋକସେବା ଭବନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୂଚନା ମିଳିଛି । କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ଗୁଡ଼ିକରେ ତହସିଲ ଅଧିକାରୀମାନେ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ସହ ବିଭିନ୍ନ ରାଜସ୍ୱ ସେବା ଯୋଗାଇଦେବେ । ରାଜସ୍ୱ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ।

## ଶାହା-ଓଡ଼ିଶା ପୁଲିସ ସମ୍ବର୍ଦ୍ଧିତ

ଓଡ଼ିଶା ମାଓବାଦୀମୁକ୍ତ ହେବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ପୁଲିସକୁ ସମ୍ବର୍ଦ୍ଧିତ କରିଛନ୍ତି । ଛତିଶଗଡର ଜଗଦଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଶାହା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ନକ୍ସଲ ବିରୋଧୀ ଅଭିଯାନ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ । ୨୦୨୬ ମସିହା ସୁଦ୍ଧା ଓଡ଼ିଶା ନକ୍ସଲମୁକ୍ତ

ହୋଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜ୍ୟ ପୁଲିସକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି । ଗତ ୨୦୨୫ ମସିହାଠାରୁ ମାର୍ଚ୍ଚ ମାସ ୨୦୨୬ ମସିହା ପର୍ଯ୍ୟନ୍ତ ରାଜ୍ୟରେ ୨୭ଜଣ ମାଓବାଦୀଙ୍କୁ ନିପାତ କରାଯାଇଥିବା ଶ୍ରୀ ପଣ୍ଡା କହିଛନ୍ତି ।

# ଅପରେସନ ଅନ୍ୱେଷଣ

ରାଜ୍ୟ ବାହାରେ ନିଖୋଜ ଶିଶୁଙ୍କୁ ଖୋଜିବା ପାଇଁ କ୍ରାଇମ୍ ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଅପରେସନ ଅନ୍ୱେଷଣ ଆରମ୍ଭ କରାଯିବ । ଆସନ୍ତା ୨୧ ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ।

# ରତ୍ନଭଣ୍ଡାର ଗଣତି

ପୁରୀ ଶ୍ରୀମନ୍ଦିରରେ ଆଜି ଭିତର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ କରାଯିବ । ମଧ୍ୟାହ୍ନ ଧୂପ ନୀତି ପରେ ପ୍ରାଧିକୃତ ଟିମ୍‌ଦ୍ୱାରା ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଗଣତି ହେବ । ଫଳରେ ଆଜି ଭିତର କାଠ ଦର୍ଶନ ବନ୍ଦ ରହିବ ଏବଂ ଶ୍ରଦ୍ଧାଳୁମାନେ କେବଳ ବାହାର କାଠରୁ ଦର୍ଶନ କରିପାରିବେ । ଚଳିତ ମାସରେ ମୋଟ ୯ ଦିନ ଧରି ଗଣତି କାର୍ଯ୍ୟ ହେବାକୁ ଥିବାବେଳେ, ପ୍ରଥମ ପର୍ଯ୍ୟାୟରେ ଦୁଇଦିନ ଗଣତି ହୋଇଥିଲା ।

# ଜନଜାତୀୟ ଗାରିମା ଉତ୍ସବ

କଟକ ଜିଲ୍ଲାରେ ଜନ ଭାଗୀଦାରୀ ଅଭିଯାନ ଅନ୍ତର୍ଗତ 'ଜନଜାତି ଗରିମା ଉତ୍ସବ' ଆରମ୍ଭ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୨୧ଟି ଜନଜାତି ବହୁଳ ଗ୍ରାମରେ ଏହା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ।

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକର ବହଲପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ 'ଜନଜାତୀୟ ଗାରିମା ଉତ୍ସବ-୨୦୨୬'ର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ 'ଜନ ଭାଗିଦାରୀ, ସବସେ ଦୂର, ସବସେ ପହଲେ' କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

# ସବ୍‌ସେ ଦୂର-ସବ୍‌ସେ ପେହଲେ

ରାୟଗଡା ଜିଲ୍ଲାରେ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ 'ଜନ ଭାଗିଦାରୀ – ସବସେ ଦୂର, ସବସେ ପହେଲେ' ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୫୨୫ଟି ଗାଁରେ ଏହି ଅଭିଯାନ ଚାଲିବ।

# ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ

ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁରୀ ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ୍‌କୁ ନିୟମିତ ଏକ୍ସପ୍ରେସ୍ ଟ୍ରେନ୍ ଭାବେ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି।

ପୂର୍ବତଟ ରେଳପଥର ସୂଚନା ଅନୁସାରେ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ ଟ୍ରେନ୍ ଭଞ୍ଜପୁର-ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ ଟ୍ରେନ୍ ଭାବେ ଚଳାଚଳ କରିବା ସହ ଆସନ୍ତା ୨୧ ଓ ୨୨ ତାରିଖରୁ ଉଭୟପଟରୁ ଯାତ୍ରା ଆରମ୍ଭ କରିବ । ଏହି ଟ୍ରେନ୍ ବାରିପଦା, ବାଲେଶ୍ୱର, ସୋର, ଭଦ୍ରକ, ଯାଜପୁରରୋଡ୍, କଟକ-ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ ଦେଇ ଯାତ୍ରା କରିବ ।

# ଜିଲ୍ଲାପାଳଙ୍କ ପରାମର୍ଶ

ନୂଆପଡ଼ା ଜିଲ୍ଲାରେ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଉଥିବା ଅଧିକାରୀମାନଙ୍କୁ ମିଳିତ ଭାବେ ଯାତ୍ରା କରିବା ଲାଗି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଇନ୍ଧନ ବ୍ୟବହାର କମ୍ କରିବା ଉଦ୍ଦେଶ୍ୟରେ ସାଇକେଲ ଓ ମୋଟରସାଇକେଲ ବ୍ୟବହାର କରିବା କିମ୍ବା ଚାଲିଚାଲି ଯିବାଲାଗି ଜିଲ୍ଲାପାଳ କହିଛନ୍ତି ।

# ଦୁଇଦିନିଆ ମେଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀର ମିଳିତ ସହଯୋଗରେ କଟକ ଶହୀଦ ଭବନରେ ଦୁଇଦିନିଆ ‘ଉତ୍କଳୀୟ ସଂକୀର୍ତ୍ତନ ସମନ୍ୱୟ ମେଳା’ ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗୁଳଗୁଳି ସହ ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ୧୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରେକର୍ଡ ହୋଇଥିବାବେଳେ ଝାରସୁଗୁଡାଠାରେ ସର୍ବୋଚ୍ଚ ତାପମାତ୍ରା ୪୩ ଦଶମିକ ୪ ଡିଗ୍ରୀ ସେଲସିୟସ ରହିଥିଲା ।